# Akashvani, Sambalpur

## SAMBALPURI NEWS EVENING BULLETIN

## 30 August 2026-7.02- 7.12 pm.

---

୧- ବିକଶିତ୍ ଭାରତ୍ ଲାଗି ନିଶାମୁକ୍ତ ଯୁବ ଅଭିଯାନ୍ - ଯୁବବର୍ଗଙ୍କର୍ ଉଜ୍ଜ୍ୱଳ୍ ଭବିଷ୍ୟତ୍ ଲାଗି ଗୁଟେ ସାମୂହିକ୍ ସଂକଳ୍ପ- ଆକାଶ୍‌ବାଣୀର ମନ୍ କି ବାତ୍‌ଥି କହେଲେ ପ୍ରଧାନ୍‌ମନ୍ତ୍ରୀ ।

- ପ୍ରକୃତି ସଂରକ୍ଷଣ୍ ଦିଗେ ସମର୍ପଣ୍ ଲାଗି ଡେବ୍ରିଗଡ୍‌ର ମୈଥିଲି ଭୂଏଙ୍କୁ କଲେ ପ୍ରଶଂସା ।

୨- ମହିଳାମାନ୍‌କର୍ ଭରଣପୋଷଣ୍ ଦେବାର୍‌ଥି ଅବହେଲା କରୁଥିବା ପୁରୁଷ ସରକାରୀ କର୍ମଚାରୀମାନ୍‌କର୍ ବିରୋଧ୍‌ଥି କଡ଼ା କାର୍ଯ୍ୟାନୁଷ୍ଠାନ୍ ଲାଗି ମୁଖ୍ୟମନ୍ତ୍ରୀଙ୍କର୍ ନିର୍ଦ୍ଦେଶ୍ ।

୩- ସମବାୟ କ୍ଷେତ୍ରର୍ ସମ୍ପ୍ରସାରଣ୍ ଲକ୍ଷ୍ୟ ନେଇକରି ଆଏବା ମଙ୍ଗଲ୍‌ବାର୍ ମୁଲ୍ ହେବା ସମ୍ପନ୍ଧ ଅଭିଯାନ୍ ।

ଆଉର୍

୪- ଫିଟ୍ ଇଣ୍ଡିଆ ମୁଭ୍‌ମେଂଟ୍‌ର ଅଂଶ ହିସାବେ ଦେଶ୍ ସହେତେ ସାରା ରାଏଜେ ହେଇଛେ ସଣ୍ଡେଜ୍ ଅନ୍ ସାଇକଲ୍ ଅଭିଯାନ୍ ।

ମନ୍ କି ବାତ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ବିକଶିତ୍ ଭାରତ୍ ଲାଗି ନିଶାମୁକ୍ତ ଯୁବ ଅଭିଯାନ୍ ସାରା ଦେଶେ ତୁର୍‌ତି ହେଇଛେ ବଲି ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ । ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍‌ଥି ଦେଶ୍‌ବାସୀଙ୍କର୍ ସାଙ୍ଗେ ଆଏଜ୍ ଭାବ-ବିନିମୟ କରିକରି ଶ୍ରୀ ମୋଦୀ କହିଛନ୍, ନିଶାମୁକ୍ତ ଯୁବ ଆଉ ନିଶାମୁକ୍ତ ଭାରତ୍ ଖାଲି ଗୁଟେ ଅଭିଯାନ୍‌ଥି ସୀମିତ ହେଇକରି ନାଇଁ ରହି, ବହୁତ୍ ସଂଖ୍ୟାଥି ଯୁଆନ୍ ପିଢ଼ି ଇଥି ସାମିଲ୍ ହେଇଛନ୍ । ଦେଶର୍ ଯୁଆନ୍ ବର୍ଗଙ୍କର୍ ସୁସ୍ଥ ଜୀବନ୍‌ଶୈଲୀ, ଖୁସି ଆଉ ଉଜଲ୍ ଭବିଷ୍ୟତ୍ ଲାଗି ଇଟା ହେଉଛେ ଗୁଟେ ସାମୂହିକ୍ ସଂକଳ୍ପ । ନିଶାର୍ ପ୍ରଭାବ୍ ଲାଗି ଖାଲି ବ୍ୟକ୍ତି ନୁହେଁ, ତାକର୍ ପରିବାର୍ ଆର୍ ସମାଜ୍ ପରିଣାମ୍ ଭୋଗ୍ କର୍‌ସନ୍ । ନିଶାମୁକ୍ତ ଭାରତ୍ ଗଠନ୍‌ଥି ସାମିଲ୍ ହେଇଥିବା ସମ୍‌କୁ ଶ୍ରୀ ମୋଦୀ ଉଚ୍ଚ ପ୍ରଶଂସା କରିଛନ୍ । ଭିନ୍ ଭିନ୍ କ୍ଷେତ୍ରଥି ଇଥିର୍‌ଲାଗି ଚେଷ୍ଟା ଜରି ରଖିବାର୍‌କେ ଶ୍ରୀ ମୋଦୀ ଆହ୍ୱାନ୍ ଦେଇଛନ୍ ।

(ଭଏସ୍ ଓଭର୍- ନିଶାମୁକ୍ତ)

ଶ୍ରୀ ମୋଦୀ କହିଛନ୍, ପ୍ରଧାନ୍‌ମନ୍ତ୍ରୀ ସ୍ୱ-ନିଧି ଯୋଜ୍‌ନା ଜରିଏ ମହିଳାମାନେ ଅଏତ୍‌କା ସଶକ୍ତ ହେଉଛନ୍ । ସାରା ଦେଶେ ପାଖାପାଖି ୩୫ ଲାଖ୍ ମହିଳା ଇ ଯୋଜ୍‌ନା ସାଙ୍ଗେ ସାମିଲ୍ ହେଇକରି ସେମାନ୍‌କର୍ ବେପାର୍‌କେ ବଢ଼େଇଛନ୍ ବଲି ପ୍ରଧାନ୍‌ମନ୍ତ୍ରୀ କହିଛନ୍ । ଇ ଅବ୍‌ସରେ ସେ କେତେଝନ୍ ମହିଳା ହିତାଧିକାରୀମାନ୍‌କର୍ ବାବ୍‌ଦେ ଭିଲ୍ କହିଛନ୍ ।

ସ୍ୱଚ୍ଛତା ବିଷେଥି ବର୍ଣ୍ଣନା କରିକରି ପ୍ରଧାନ୍‌ମନ୍ତ୍ରୀ କହିଛନ୍, ସ୍ୱଚ୍ଛତାକେ ଗୁଟେ ସଂକଳ୍ପ ହିସାବେ ନେଲେ ସ୍ଥାନୀୟ କ୍ଷେତ୍ରଥି ବ୍ୟପକ୍ ପରିବର୍ତନ୍ ସମ୍ଭବ୍ ହେଇପାର୍‌ସି । ଇ ଅବ୍‌ସରେ ଶ୍ରୀ ମୋଦୀ ସମ୍ବଲ୍‌ପୁର୍‌ର ଡେବ୍ରିଗଡ଼୍ ଅଂଚଲ୍‌ର ଧୋର୍‌ରୋକୁସୁମ୍ ଗାଁର୍ ମୈଥିଲି ଭୁଏଙ୍କର୍ ବାବ୍‌ଦେ କହିଛନ୍ । ଜୀବନ୍‌ଥି ସମୃଦ୍ଧ ହାସଲ୍ କର୍‌ବାର ସହେତେ ପ୍ରକୃତିର୍ ସୁରକ୍ଷା ଲାଗି ନିଜ୍‌କୁ ସମର୍ପି ଦେବାର୍ ସମ୍ଭବ୍ ଆଏ ବଲି ମୈଥିଲି ପ୍ରମାଣିତ୍ କରିଥିବା ଶ୍ରୀ ମୋଦୀ କହିଛନ୍ ।

(ଭଏସ୍ ଓଭର୍-ପ୍ରଧାନ୍‌ମନ୍ତ୍ରୀ)

ମୈଥିଲି ଡେବ୍ରୀଗଡ଼୍ ନ କେନ୍ଦୁପତର୍ ଆର୍ ମହୁ ଠୋଲ୍ କର୍‌ବାର୍ ସହେତେ ଜଙ୍ଗଲ୍ ସଂରକ୍ଷଣ୍ ଭିଲ୍ କରୁଛନ୍ । ପ୍ରକୃତି

ସଂରକ୍ଷଣ୍ ସହେତେ ଜୀବିକା ରୋଜ୍‌ଗାର୍‌ର ଇ ମୋଡ଼େଲ୍ ଓଡ଼ିଶା ନାରୀଶକ୍ତିର୍ ଦୃଢ଼ ସଂକଳ୍ପକେ ପ୍ରତିଫଲିତ୍ କରୁଛେ । ଇ ବାବ୍‌ଦେ ମୈଥିଲି ତାକର୍ ପ୍ରତିକ୍ରିୟାଥି କହିଛନ୍...

(ଭଏସ୍ ଓଭର୍- ମୈଥିଲି)

ମିଶନ୍ ଶକ୍ତି ସେଟ୍ ବାବ୍‌ଦେ ପ୍ରଧାନ୍‌ମନ୍ତ୍ରୀ କହିଛନ୍, ଏନ୍ତା ଚେଷ୍ଟା କନ୍ୟା ସନ୍ତାନ୍‌ମାନ୍‌କର୍ ମହାକାଶ୍ କ୍ଷେତ୍ରର୍ ସପନ୍‌କେ ସାକାର୍ କର୍‌ବାର୍‌ଥି ସାହାଜ୍ କରୁଛେ । ଶହେ ୮ ଟା ଦେଶର୍ ପାଖାପାଖି ୧୨ ହଜାର୍ ଟୁକେଲ୍ ଛୁଆ ନବସୃଜନ କ୍ଷେତ୍ରଥି ଇ ମିଶନ୍ ଅଧୀନ୍ ନ ସେଟ୍‌ଲାଇଟ୍ ପ୍ରଯୁକ୍ତିବିଦ୍ୟା ଶିଖ୍‌ବାର୍ ସୁଯୋଗ୍ ପାଉଛନ୍ ।

ପ୍ରଧାନ୍‌ମନ୍ତ୍ରୀ କହିଛନ୍, ସ୍ୱାଧୀନତା ଦିବସ୍ ଆଉ ଜାତୀୟ ମହାକାଶ୍ ଦିବସ୍ ସବୁ ନାଗରିକଙ୍କୁ ଗର୍ବିତ୍ କରିଛେ । ହର୍‌ଘର୍ ତ୍ରିରଙ୍ଗା ଅଭିଯାନ୍ ଇ ଭାବ୍‌ନାକେ ଅଏତ୍‌କା ସଶକ୍ତ କରିଛେ । ଇ ବଛର୍ ବନ୍ଦେ ମାତରମ୍‌ର ଶହେ ୫୦ ତମ ବାର୍ଷିକୀ ପାଲନ୍ ହେଉଥିବାର୍‌ନୁ ହର୍‌ଘର୍ ତ୍ରିରଙ୍ଗା ଅଭିଯାନ୍ ଖାସ୍ ଥିଲା ।
ଚଲ୍‌ତି ବଛର୍ ୮ କୋଟିନୁ ଅଏତ୍‌କା ତ୍ରିରଙ୍ଗା ସେଲ୍‌ଫି ଅପ୍‌ଲୋଡ଼୍ ହେଇଥିବା ଶ୍ରୀ ମୋଦୀ ସୂଚ୍‌ନା ଦେଇଛନ୍ । ଆନ୍ତର୍ଜାତିକ୍ ସ୍ତର୍

ନ ପାଲିତ୍ ହେଇଥିବା ସୂର୍ଯ୍ୟପଥ ତ୍ରିରଙ୍ଗ ପଦକ୍ଷେପ୍ ବାବ୍ଦେ ଭିଲ୍ ଶ୍ରୀ ମୋଦୀ ଆଲୋଚନା କରିଛନ୍ । ଆଏବା ପାର୍ବଣ ରତୁଥି ଜନ୍ମାଷ୍ଟମୀ, ବିଶ୍ୱକର୍ମା ପୂଜା, ଗଣେଶ୍ ପୂଜା ପଡୁଥିବାର୍ନୁ ପ୍ରଧାନ୍ମନ୍ତ୍ରୀ ଦେଶ୍ବାସୀଙ୍କୁ ଶୁଭେଚ୍ଛା ଜନେଇଛନ୍ । ପାର୍ବଣ ରତୁଥି ଭୋକାଲ୍ ଫର୍ ଲୋକାଲ୍କେ ଅପ୍ନାବାର୍କେ ସେ ଦେଶ୍ବାସୀଙ୍କୁ ଆହ୍ୱାନ୍ ଦେଇଛନ୍ ।

ମୁଖ୍ୟମନ୍ତ୍ରୀ– ଭରଣପୋଷଣ ନିର୍ଦ୍ଦେଶ     ଭୁବ୍ନେଶ୍ୱର୍ ସମ୍ବାଦଦାତା

କୋର୍ଟଙ୍କର୍ ନିର୍ଦ୍ଦେଶ୍ ଥିଲେ ଭିଲ୍ ମହିଲାମାନ୍କୁ ଭରଣ୍ପୋଷଣ୍ ନାଇଁ ଦେଉଥିବା ପୁରୁଷ ସର୍କାରୀ କର୍ମଚାରୀଙ୍କର୍ ବିରୋଧ୍ଥି କଡ଼ା କାର୍ଯ୍ୟାନୁଷ୍ଠାନ୍ ନେବାର୍କେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ନିର୍ଦ୍ଦେଶ୍ ଦେଇଛନ୍ । ମହିଲା କି ଛୁଆପିଲାଙ୍କର୍ ଲାଗି ଭରଣପୋଷଣ୍ ନାଇଁ ଦେଉଥିବା ରାଜ୍ୟ ସର୍କାରୀ କର୍ମଚାରୀଙ୍କର୍ ଦର୍ମାନୁ ଟଙ୍କା କାଟିକରି ଦେବାର୍କେ ଶ୍ରୀ ମାଝୀ ନିର୍ଦ୍ଦେଶ୍ ଦେଇଛନ୍ । ମୁଖ୍ୟମନ୍ତ୍ରୀ କହିଛନ୍, ସର୍କାରୀ କର୍ମଚାରୀ ହେଇକରି ଅଦାଲତ୍ର ଅବମାନନା କର୍ବାର୍ ଆଉ ପତ୍ନୀ ଆଉ ଛୁଆମାନ୍କର୍ ଲାଗି ଅବିଚାର୍ ବିଲ୍କୁଲ୍ ଗ୍ରହଣୀୟ

ନୁହେଁ । ଆଏବା ଦିନେ ଇ ବାବଦ୍ ମାମ୍‌ଲାକେ ସର୍‌କାର୍‌ଙ୍କର୍ ସମନ୍ୱିତ ଆଉ ସ୍ୱୟଂଚାଳିତ ବ୍ୟବସ୍ଥାଥି ଯୁଡ଼ିକରି ଆହୁରି ଉନ୍ନତ୍ କର୍‌ବାର୍‌କେ ମୁଖ୍ୟମନ୍ତ୍ରୀ ବରିଷ୍ଠ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ ।

ଚାଷୀ ପଞ୍ଜୀକରଣ        ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଚାଷୀ ପଞ୍ଜୀକରଣ୍ ସମିଆକେ ସର୍‌କାର୍ ଆଉ ୭ ଦିନ୍ ବଢ଼ାୟାଇଛେ । ଇ ବାବ୍‌ଦେ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ସୂଚ୍‌ନା ଦେଇଛନ୍ । ପଞ୍ଜୀକରଣ୍ ସମିଆ ଆଏବା କାଏଲ୍ ଶେଷ୍ ହେଉଥିବାର୍ ବେଲେ ଇଟା ଆଉ ୭ ଦିନ୍ ବଢ଼ିଛେ । ନେଟ୍‌ୱର୍କ ସମସ୍ୟା ଲାଗୁ ବହୁତ୍ ଚାଷୀ ପଞ୍ଜୀକରଣ୍ କର୍‌ବାର୍‌କେ ଅସୁବିଧାର୍ ସମ୍ମୁଖୀନ୍ ହେଉଥିଲେ । ଏଛେନ୍‌ତକ୍ ୧୭ ଲାଖ୍ ନୁ ଅଏତ୍‌କା ଚାଷୀ ପଞ୍ଜୀକରଣ୍ କରିଛନ୍ ।

ନିଟ୍-ପିଜି ୨୦୨୬        ଆର୍‌ଏନ୍‌ୟୁ/ ସମ୍ବଲପୁର

ସାରା ଦେଶେ ନିଟ୍-ପିଜି ୨୦୨୬ ପରୀକ୍ଷା ସଫଲତାର୍ ସହେତେ ଆୟୋଜିତ୍ ହେଇଛେ । ୩ ଶହ ୩୯ ଟା ସହରର୍ ୧ ହଜାର୍ ଶହେ ୧୧ ଟା ପରୀକ୍ଷା କେନ୍ଦ୍ର ନ ୨ ଲାଖ୍ ୬୫ ହଜାର୍‌ନୁ ଅଏତ୍‌କା ଛାତ୍ରଛାତ୍ରୀ ପରୀକ୍ଷା ଦେଇଛନ୍ । ରାଜସ୍ଥାନ୍‌ର ଜୟପୁର୍ ଠାନେ ଗୁଟେ ପରୀକ୍ଷା କେନ୍ଦ୍ର ନ ବୈଷୟିକ୍ ତ୍ରୁଟି ଦେଖାଦେଇଥିଲା । ଇନର୍ ପ୍ରାର୍ଥୀମାନ୍‌କର୍ ଲାଗି ଆଏବା ମାସ ୫ ତାରିଖ୍ ଫେର୍‌ଘାଏ ପରୀକ୍ଷା କରାଯିବା ବଲି ଜନାପଡ଼ିଛେ ।

‘ସମ୍ବନ୍ଧ’ର ଶୁଭାରମ୍ଭ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ସମବାୟ କ୍ଷେତ୍ରର୍ ସମ୍ପ୍ରସାରଣ୍ ଲକ୍ଷ୍ୟ ନେଇକରି ଆଏବା ମଙ୍ଗଲ୍‌ବାର୍ ଦିନ ମେଗା ସଦସ୍ୟତା ଅଭିଯାନ୍ ‘ସମ୍ବନ୍ଧ’ର୍ ଶୁଭାରମ୍ଭ ହେବା । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଇ ଅଭିଯାନ୍‌ର ଶୁଭାରମ୍ଭ କର୍‌ବେ । ଇତାର୍‌ସହେତେ ମୁଖ୍ୟମନ୍ତ୍ରୀ ୨୦ ଟା ଦୁଗ୍ଧ ସଂଗ୍ରହ କେନ୍ଦ୍ର, ୫୦ଟି କୃଷି ସେବା କେନ୍ଦ୍ର, ୪୬ଟି ଖାଉଟି କେନ୍ଦ୍ର ଆଉ ୨ ଶହଟା ଜନସେବା କେନ୍ଦ୍ରର୍ ଭିଲ୍ ଉଦ୍‌ଘାଟନ୍

କର୍‌ବେ । ଗାଁ ଇଲାକାର୍ ସବୁ ପରିବାର୍‌ନୁ କମ୍‌ସେକମ୍ ଝନ୍‌କୁ ସମବାୟ ସଦସ୍ୟ କର୍‌ବାର୍ ଲକ୍ଷ୍ୟ ରଖାଯାଇଛେ । ରାଜ୍ୟର୍ ଚାଷୀମାନ୍‌କୁ ଆର୍ଥିକ୍ ଆଉ ସାମାଜିକ୍ ସ୍ତର୍‌ଥି ସଶକ୍ତ କରବାର୍ ଲକ୍ଷ୍ୟ ନେଇକରି ସଦସ୍ୟତା ଅଭିଯାନ୍ 'ସମ୍ବନ୍ଧ' ମୁଲ୍ କରାଯିବା । ଡିଜିଟାଲ୍ ଜରିଏ ସଦସ୍ୟତା ପଞ୍ଜୀକରଣ୍‌କେ ସହଜ୍ ଆଉ ସ୍ୱଚ୍ଛ କର୍‌ବାର୍ ଲାଗି ନୂଆଁ ମୋବାଇଲ୍ ଆପ୍ଲିକେଶନ୍‌ର ଶୁଭାରମ୍ଭ ହେବା । ଇ ଅବ୍‌ସରେ ସମବାୟ କ୍ଷେତ୍ରୁଥି ବହୁତ୍‌ଟେ ପ୍ରକଳ୍ପର୍ ଶୁଭାରମ୍ଭ ଆଉ ଭିତିପ୍ରସ୍ତର୍ ଥାପ୍‌ନା କରାଯିବା । ଓଡ଼ିଶା ସମବାୟ ଇତିହାସ୍‌ଥି ପହେଲାଥର୍ ଲାଗି ପେକ୍ସ ଆଉ ଲେମ୍ପସ୍ ଚାଷୀ ସଦସ୍ୟମାନ୍‌କୁ ସର୍‌କାର୍ ଲାଭାଂଶ ଦେବେ । ପହେଲା ଖେପେ ଶହେ ୮୦ଟା ପେକ୍ସ ଆର୍ ଲେମ୍ପସର ପାଖାପାଖି ୩ ଲାଖ୍ ନୁ ଅଏତ୍‌କା ହିତାଧିକାରୀ ୧୪ କୋଟି ଟଙ୍କା ଲାଭାଂଶ ପାଏବେ । ରାଜ୍ୟ ସରକାର ଭିଲ୍ ଅଂଶୀଦାର ଭାବେ ୪ କୋଟି ୨୨ ଲାଖ୍ ଟଙ୍କା ପାଏବେ ।

ରାଜ୍ୟର୍ ସବୁ ଜିଲ୍ଲା ନ ଉନ୍ନତ ଭିତିଭୂମି ଥିବା ଶହେ ଟା ମଡ଼େଲ୍ ମଣ୍ଡି ସ୍ଥାପିତ୍ ହେବା । ପହେଲା ଖେପେ କେବିନେଟ୍‌ଥି ଅନୁମୋଦିତ୍ ହେଇଥିବା ୩୮ ଟା ମଡ଼େଲ୍ ମଣ୍ଡି ଭିତ୍‌ରୁ

ମଙ୍ଗଲ୍‌ବାର୍ ଦିନ କଟକ୍, ଖୋର୍ଦ୍ଧା ଆର୍ ପୁରୀ ନ ମୋଟ୍ ୪ ଟା ମଡ୍‌ଲ୍ ମଣ୍ଡିର୍ ଭିତିପ୍ରସ୍ତର୍ ଥାପ୍‌ନା କରାଯିବା ।

ମୁଖ୍ୟ ଶାସନ୍ ସଚିବ-ବୈଠକ୍ ଆଇ.ଆଣ୍ଡ୍.ପି.ଆର୍

ମୁଖ୍ୟ ଶାସନ୍ ସଚିବ ଅନୁ ଗର୍ଗଙ୍କର୍ ଅଧ୍ୟକ୍ଷତାଥି ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ନ ଓଡ଼ିଶା ପୁଷ୍ଟି ମିଶନ୍‌ର ରଣନୀତି ବୈଠକ୍ ହେଇଯାଇଛେ । ପୁଷ୍ଟିହୀନତା ଦୂର୍ କର୍‌ବାର୍, ଡିଜିଟାଲ୍ ନିରୀକ୍ଷଣ୍ ଆଉ ସଂମୃଦ୍ଧ ଅଙ୍ଗନବାଡ଼ି ଯୋଜ୍‌ନାଥି ଅଧା ତିଆର୍ ହେଇଥିବା କୋଠା ନିର୍ମାଣ୍ କାମ୍ ଶେଷ୍ କର୍‌ବାର୍ ଉପ୍‌ରେ ଜୋର୍ ଦିଆଯାଇଥିଲା । ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ପୁଷ୍ଟି ଯୋଜ୍‌ନାର୍ ମିଶନ୍ ମୋଡ଼୍ ହିସାବେ ଇତାକେ ୧୮ ଟା ଜିଲ୍ଲାର୍ ୨୩ ହଜାର୍ ୮୮ ଟା ଅଙ୍ଗନବାଡ଼ି କେନ୍ଦ୍ର ନ ଲାଗୁ କରାଯିବା । ଇଥି ସମ୍ବଲ୍‌ପୁର୍, ସୁନ୍ଦର୍‌ଗଡ଼୍, ନୂଆପଡ଼ା, ଝାର୍‌ସୁଗୁଡ଼ା, କଳାହାଣ୍ଡି, ଦେବ୍‌ଗଡ଼୍ ଜିଲ୍ଲା ଭିଲ୍ ସାମିଲ୍ ଅଛେ । ୯ ଟା ରଣନୀତି ସ୍ତମ୍ଭ ଉପ୍‌ରେ ଫୋକସ୍ ରହେବା । ୨୦୨୬-୨୭ ଆଉ ୨୦୨୭-୨୮ରେ ଇଥିର୍‌ଲାଗି ୩ ଶହ ୬୦ କୋଟି ୬୮ ଲାଖ୍ ଟଙ୍କା ବ୍ୟୟବରାଦ୍ ରହିଛେ ।

ଫିଟ୍ ଇଣ୍ଡିଆ ମୁଭ୍‌ମେଂଟ୍        ସମ୍ବଲପୁର/ସୁବର୍ଣ୍ଣପୁର/ବୌଦ୍ଧ

ଫିଟ୍ ଇଣ୍ଡିଆ ମୁଭ୍‌ମେଂଟ୍‌ର ଅଂଶ ହିସାବେ ସାରାଦେଶେ ସଣ୍ଡେଜ୍ ଅନ୍ ସାଇକଲ୍ ଅଭିଯାନ୍ ଗୁଟେ ଜନ ଆନ୍ଦୋଲନ୍‌ଥି ପରିଣତ୍ ହେଇଛେ । ଭୁବ୍‌ନେଶ୍ୱର୍ ନ କ୍ରୀଡ଼ା ଆଉ ଯୁବସେବା ବିଭାଗ୍ ତର୍‌ଫୁ ସଣ୍ଡେଜ୍ ଅନ୍ ସାଇକଲ୍ ରେଲି ହେଇଯାଇଛେ । ପ୍ରତିକୂଳ ପାଗ ହେଲେ ଭିଲ୍ ପ୍ରତିଯୋଗୀମାନେ ବହୁତ୍‌ସଂଖ୍ୟାଥି ସାଇକଲ୍ ରେଲିଥି ଯୋଗ୍ ଦେଇଥିଲେ । କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ କାର୍ଯ୍ୟକ୍ରମ୍‌କେ ଉଦ୍‌ଘାଟନ୍ କର୍‌ବାର୍ ସହେତେ ପ୍ରତିଯୋଗୀମାନ୍‌କର୍ ସାଙ୍ଗେ ସାଇକଲ୍ ଚଲେଇଥିଲେ ।

ସମ୍ବଲ୍‌ପୁର୍ ସହର୍ ନ ଗୁଟେ ସାଇକେଲ୍ ରେଲି ଆୟୋଜିତ୍ ହେଇଯାଇଛେ । ସ୍ୱାସ୍ଥ୍ୟ ସଚେତନତା ସକ୍ରିୟ ଜୀବନ୍‌ଶୈଳୀ ଆଉ କ୍ରୀଡ଼ା ମନୋଭାବ୍‌ର ବାର୍ତା ଦେବାର୍ ଲାଗି ହେଇଥିବା ଇ କାର୍ଯ୍ୟକ୍ରମ୍‌ଥି ପାଖାପାଖି ୫ ଶହ ନୁ ଅଏତ୍‌କା ସାଇକଲ୍ ଅରୋହୀ ଭାଗ୍ ନେଇଥିଲେ । ମହାନଗର୍ ନିଗମ୍ କମିଶନର୍ ରେହାନ୍ କ୍ଷେତ୍ରୀ ରେଲିର୍ ଶୁଭାରମ୍ଭ କରିଥିଲେ ।

ବୌଦ୍ଧ ନ ହେଇଥିବା ସାଇକେଲ ରେଲିକେ ବିଧାୟକ୍ ସରୋଜ୍ କୁମାର୍ ପ୍ରଧାନ୍ ଆଉ ଜିଲ୍ଲାପାଲ୍ ବିଭୂତି ଭୂଷଣ୍ ନାୟକ୍ ଶୁଭାରମ୍ଭ କରିଥିଲେ । ଇ ଅବ୍ସରେ ଭିନ୍ ଭିନ୍ କ୍ରୀଡ଼ା ପ୍ରତିଯୋଗିତାର୍ ଭିଲ୍ ଆୟୋଜନ୍ କରାଯାଇଥିଲା ।

ସୁବର୍ଣ୍ଣପୁର୍ ଜିଲ୍ଲା ନ ଆୟୋଜିତ୍ ସାଇକଲ୍ ରେଲିକେ ଜିଲ୍ଲାପାଲ୍ ନୃପରାଜ୍ ସାହୁ ପତାକା ଦେଖେଇକରି ଶୁଭାରମ୍ଭ କରିଥିଲେ । ସାଇକଲ୍ ରେଲି ରାମେଶ୍ୱର୍ ଷ୍ଟାଡ଼ିୟମ୍ ନୁ ବାହାରିକରି ସହର୍ ବୁଲିଥିଲା । ଭିନ୍ ଭିନ୍ ବିଦ୍ୟାଳୟ ଆଉ ମହାବିଦ୍ୟାଳୟର୍ ଛାତ୍ରଛାତ୍ରୀମାନ୍କର୍ ସହେତେ ଭିନ୍ ସଂଗଠନ୍ର ସ୍ୱେଚ୍ଛାସେବୀମାନେ ରେଲିଥି ଭାଗ୍ ନେଇଥିଲେ ।

ସିଡେକ୍ ଆଂଚଲିକ୍ କେନ୍ଦ୍ର ଥାପ୍ନା ଏକ୍ସ

ସମ୍ବଲପୁର୍ ଗଙ୍ଗାଧର୍ ମେହେର୍ ବିଶ୍ୱବିଦ୍ୟାଳୟ ନ ସିଡେକ୍ର ଆଂଚଲିକ୍ କେନ୍ଦ୍ର ଥାପ୍ନା ଆଉ ସଫ୍ଟୱେର୍ ଟେକ୍ନୋଲୋଜି ପାର୍କସ୍ ଅଫ୍ ଇଣ୍ଡିଆ- ଏସ୍.ଟି.ପି.ଆଇ. କେନ୍ଦ୍ରର୍ ସମ୍ପ୍ରସାରଣ୍ କର୍ବାର୍ ଲାଗି କେନ୍ଦ୍ର ସୂଚନା ଆଉ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ

ଅଶ୍ୱିନୀ ବୈଷ୍ଣବ୍‌ଙ୍କୁ ସମ୍ବଲ୍‌ପୁର୍ ସାଂସଦ୍ ଧର୍ମେନ୍ଦ୍ର ପ୍ରଧାନ୍ ଚିଠି ଜରିଏ ଅନୁରୋଧ୍ କରିଛନ୍ । ଇ କେନ୍ଦ୍ର ଥାପ୍‌ନା ହେଲେ କୃତ୍ରିମ ବୁଦ୍ଧିମତା, ସାଇବର୍ ସୁରକ୍ଷା, ଡାଟା ଏନାଲିଟିକ୍ସ ଆଉ କ୍ଲାଉଡ୍ କ୍ଷେତ୍ର ନ ଗବେଷଣା ବଢ଼୍‌ବା ।

ପାଣିପାଗ      ଆର୍‌ଏନ୍‌ୟୁ/ ସମ୍ବଲପୁର

ଉତର୍ ବଙ୍ଗୋପ୍‌ସାଗର୍ ଆଉ ତାକେ ଲାଗି କରି ଥିବା ପଶ୍ଚିମବଙ୍ଗ୍, ବାଂଲାଦେଶ୍ ସମୁଦ୍ରଖଁଡ଼ି ନ ହେଇଥିବା ଘୂର୍ଣ୍ଣିବଲୟ ଅଏତ୍‌କା ଘନୀଭୂତ ହେଇଛେ । ପାଣିପାଗ୍ ବିଭାଗ୍‌ର ସୂଚ୍‌ନା ଅନ୍‌ସାରେ ପଶ୍ଚିମବଙ୍ଗ୍ ଆଉ ଉତର୍ ଓଡ଼ିଶା ସମୁଦ୍ରଖଁଡ଼ି ନ ଗୁଟେ ଲଘୁଚାପ୍ କ୍ଷେତ୍ର ସୃଷ୍ଟି ହେବାର୍ ସମ୍ଭାବନା ରହିଛେ । ଇତାର୍ ପ୍ରଭାବ୍‌ଥି ରାଜ୍ୟର୍ ଭିନ୍ ଭିନ୍ ଇଲାକା ନ ବର୍ଷା ଲାଗି ରହିଛେ । ଆଏବା କାଏଲ୍ ସଖାଲ୍‌ତକ୍ ବାଲେଶ୍ୱର୍, କେନ୍ଦୁଝର୍ ଆର୍ ମୟୁର୍‌ଭଞ୍ଜ୍ ଜିଲ୍ଲା ନ ଜବର୍‌ନୁ ଜବର୍ ବର୍ଷା ହେବା ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ ।   ଇ ସମିଆଥି

ସମ୍ବଲ୍‌ପୁର୍, ଦେବ୍‌ଗଡ଼୍, ସୁନ୍ଦର୍‌ଗଡ଼୍ ସହେତେ ୮ ଟା ଜିଲ୍ଲା ନ ଜବର୍ ବର୍ଷା ହେବାର୍ ସମ୍ଭାବନା ରହିଛେ ।